**ପ୍ରଚାର ଡ଼ାଏରୀ**

**ତା.୧୮.୦୪.୨୦୧୪**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

**ଗୋପାଳ ଗାନ୍ଧିଙ୍କର ସି.ବି.ଆଇ ଉପରେ ଦେଇଥିବା ମନ୍ତବ୍ୟ**

ପଶ୍ଚିମ ବଙ୍ଗର ପୂର୍ବତନ ରାଜ୍ୟପାଳ ପ୍ରତି ବର୍ଷ ସି.ବି.ଆଇ ଦ୍ୱାରା ଆୟୋଜିତ ହେଉଥିବା ଡ଼ି.ପି କୋହଲି ସ୍ମୃତି ସ୍ମାରକରେ ଅଭିଭାଷଣ ଦେବା ପାଇଁ ନିମନ୍ତ୍ରିତ ହୋଇଥିଲେ । ସେଠାରେ ସେ ନିଜ ଭାଷଣରେ ବର୍ତ୍ତମାନ ସି.ବି.ଆଇ କିପରି ସରକାରର ହାତବାରିଶି ହୋଇ କାର୍ଯ୍ୟ କରୁଅଛି ଓ ତାହାର ମର୍ଯ୍ୟଦା କିପରି ରକ୍ଷା କରାଯିବ ସେଥିନେଇ ଯେଭଳି ଭାବରେ ଟିପ୍ପଣି ଦେଇଥିଲେ ତାହା ବାସ୍ତବରେ ଖୁବ ପ୍ରଶଂସନୀୟ ।

ଗତ ୧୦ ବର୍ଷ ମଧ୍ୟରେ ଉକ୍ତ ସଂସ୍ଥା ନିଜ ବିଶ୍ୱସ୍ଥତା ହରାଇ ବସିଛି । ସି.ବି.ଆଇ ଏପରି ଏକ ସଂସ୍ଥା ଯେ କି ଡ଼ାଇରେକ୍ଟର ମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ । ହେଲେ ଆଜି ତାହା ସରକାରଙ୍କ ଦ୍ୱାରା ମନୋନିତ ଡ଼ାଇରେକ୍ଟରଙ୍କ ଦ୍ୱାରା ବା ଶାସକ ଦଳର ସଦସ୍ୟଙ୍କ ଦ୍ୱାରା ହିଁ ପରିଚାଳିତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ । ସେଠାରେ ସରକାରଙ୍କ ନିକଟବର୍ତ୍ତୀ ବ୍ୟକ୍ତିଙ୍କ କେଶରେ ସହାୟତା କରାଯାଉଥିବା ସମୟରେ ବିରୋଧୀ ଦଳର ବ୍ୟକ୍ତିଙ୍କ କେଶକୁ ହିଁ ବଳି ପକାଯାଏ । ରାଜସ୍ଥାନ, ଗୁଜୁରାଟ ତଥା ଦିଲ୍ଲୀର ଏପରି ବହୁ କେଶ ରହିଛି ଯେଉଁଠି ସି.ବି.ଆଇ ସରକାରଙ୍କ ସପକ୍ଷରେ କାର୍ଯ୍ୟ କରି ଆସିଛି ବୋଲି ଆମେ ଦୃଷ୍ଟାନ୍ତ ଦେଇପାରିବା । ବର୍ତ୍ତମାନ ଉକ୍ତ ଘଟଣାସବୁକୁ ଲୋକ ଲୋଚନକୁ ଆଣିବାର ସମୟ ଆସି ଯାଇଛି । ପ୍ରତ୍ୟେକ ମଣିଷକୁ ସାଧୁତା ଆଚରଣ କରିବା ଆବଶ୍ୟକ । ବିଶେଷ କରି ସି.ବି.ଆଇ ଅଫିସରଙ୍କୁ ନିଶ୍ଚିତ ଭାବରେ ସାଧୁତା ଆଚରଣ କରିବା ଆବଶ୍ୟକ ।

**ମୋଦିଙ୍କ ପ୍ରଚାର**

ଗତ ୧୩.୦୯.୨୦୧୪ ରେ ନରେନ୍ଦ୍ର ମୋଦିଙ୍କୁ ବି.ଜେ.ପି ର ପ୍ରଧାନ ମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯିବା ପରେ ସେ ସମଗ୍ର ଦେଶରେ ଏକାକି ୩୮୦ଟି ର୍‍ୟାଲି କରିସାରିଛନ୍ତି ଓ ପ୍ରତ୍ୟେକ

ର୍‍ୟାଲି ଓ ସଭାରେ ଲକ୍ଷାଧିକ ଜନାସମାବେଶ ଦେଖିବାକୁ ମିଳିଥିଲା । ମୁଁ ପ୍ରଥମେ ପ୍ରଥମେ ମନେ କରୁଥିଲି ଏଭଳି ଉତ୍ସାହ ବୋଧହୁଏ ସମୟୟାନୁସାରେ ହ୍ରାସ ପାଇଯିବ । ମାତ୍ର ଖୁବ ଆଶ୍ଚର୍ଯ୍ୟକର ଘଟଣା ହେଉଛି ଉକ୍ତ ଉତ୍ସାହ ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଥିଲା । ତାହା ବ୍ୟତୀତ ୩-ଡ଼ି ବ୍ୟବସ୍ଥା ସହ ଆହୁରି ୩୦୦ଟି ର୍‍ୟାଲି ମଧ୍ୟ ହୋଇଅଛି । କୌଣସି ଗୋଟିଏ ବ୍ୟକ୍ତି ନେଇ ସମଗ୍ର ଦେଶରେ ଏଭଳି  ବିଶାଳ ସ୍ରୋତ ସହ ଉତ୍ସାହ ଜାରି ରହିବା ଇତିହାସରେ କେବେ ମଧ୍ୟ ହୋଇନାହିଁ କହିଲେ ଭୁଲ ହେବନାହିଁ ।

**ନିଶା ଭୟାନକ ସ୍ଥିତି**

ଗତକାଲି ମୁଁ ରାଜାସାନ୍ସିଠାରେ ଏକ ସର୍ବସାଧାରଣ ବୈଠକରେ ଯେତେବେଳେ ରାଜ୍ୟର ନିଶାସକ୍ତ ଜନତାଙ୍କ ନେଇ କହିଥିଲି ସେତେବେଳେ ସମ୍ମୁଖରେ ଥିବା ଜନତା ବିଶେଷ କରି ମହିଳାଙ୍କଠାରୁ ବିପୁଳ ପରିମାଣର ସମର୍ଥନ ତଥା କରତାଳି ଆସିଥିଲା । ପଞ୍ଜାବରେ ନିଶା ଦ୍ରବ୍ୟର ଉତ୍ପାଦନ ହୁଏ ନାହିଁ । ତାହା ସୀମାପାରରୁ ହିଁ ଆସିଥାଏ ଓ କିଛି ରାଜସ୍ଥାନରେ ଉତ୍ପାଦିତ ହେଉଥିବା ନିଶା ଦ୍ରବ୍ୟ ମଧ୍ୟ ସେଠାରେ ଉପଲବ୍ଧ । ତେଣୁ ଆମ ପାଖରେ ରାଜ୍ୟର  ସୁରକ୍ଷା ବ୍ୟବସ୍ଥାକୁ କଟକଣା କରି ନିଶା ଦ୍ରବ୍ୟ ଆସିବାକୁ ରୋକିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ । ଯେଉଁଠାରୁ ଏଭଳି ପଦାର୍ଥ ଆସୁଅଛି ତାହାର ମୂଳୋତ୍ପାଟନ କରିବା ଆବଶ୍ୟକ । ସୀମାରେ ଏପରି ଚିକନିଖ ପରୀକ୍ଷା କରାଯିବା ଆବଶ୍ୟକ କି ସେଠାରୁ ଯେପରି ନିଶା ଦ୍ରବ୍ୟର ଚୋରା ଚାଲଣ ଆଦୌ ହୋଇପାରିବନି । କେବଳ ସୀମା ନୁହେଁ ଅନ୍ୟ ରାଜ୍ୟରୁ ସାମଗ୍ରୀ ଆସିବା ନେଇ ମଧ୍ୟ କଠୋର କାର୍ଯ୍ୟପନ୍ଥା ଗ୍ରହଣ କରିବା ଆବଶ୍ୟକ । ଏହା କିଛି ଗୋଷ୍ଠିଙ୍କୁ ନିରାଶ କରିବ ସତ୍ୟ କିନ୍ତୁ ରାଜ୍ୟର ଭବିଷ୍ୟତ ପାଇଁ ଏହା ନିତ୍ୟାନ୍ତ ଜରୁରୀ । ଆଜି ନିଶା ଦ୍ରବ୍ୟ ଓ ଆତଙ୍କବାଦ ମିଳିତ ଭାବରେ ଏକ ନୂତନ ବିଦ୍ରୋହର ସୂତ୍ରପାତ କରିଛନ୍ତି । ତେଣୁ ଏହାକୁ ବିନାଶ କରିବା ଆମର ପ୍ରଧାନ କର୍ତ୍ତବ୍ୟ ।